# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17th August – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ କମିଶନ କୌଣସି ଦଳ ପାଇଁ ପକ୍ଷପାତିତା କରନ୍ତି ନାହିଁ; ସ୍ପଷ୍ଟ କଲେ ଭାରତର ନିର୍ବାଚନ କମିଶନ
- ଆତ୍ମନିର୍ଭର ଭାରତ ପାଇଁ ନବସୃଜନକୁ ପ୍ରୋତ୍ସାହିତ କରିବା ଆବଶ୍ୟକ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ହର ଘର ତିରଙ୍ଗା ଅଭିଯାନରେ ୭ କୋଟିରୁ ଊର୍ଦ୍ଧ୍ୱ ସେଲ୍‌ଫି ଅପ୍‌ଲୋଡ ହୋଇଥିବା ସରକାରଙ୍କ ସୂଚନା
- କଟକରେ ସେପ୍ଟେମ୍ବର ୨୮ ତାରିଖରୁ ଆରମ୍ଭ ହେବ ଦୁର୍ଗାପୂଜା

ଏବଂ

- ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅବପାତରେ ପରିଣତ ହେବା ସମ୍ଭାବନା

# ନିର୍ବାଚନ କମିଶନ

ନିର୍ବାଚନ କମିଶନ କୌଣସି ଦଳ ପାଇଁ ପକ୍ଷପାତିତା କରନ୍ତି ନାହିଁ ବୋଲି ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସ୍ୱଷ୍ଟୀକରଣ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କୁମାର କହିଛନ୍ତି, ନିର୍ବାଚନ କମିଶନଙ୍କ ପାଇଁ କୌଣସି ପକ୍ଷ ବା ବିପକ୍ଷ ଦଳ ନାହାନ୍ତି । ଲୋକସଭା ନିର୍ବାଚନରେ ୧ କୋଟିରୁ ଊର୍ଦ୍ଧ୍ୱ କର୍ମଚାରୀ, ୧୦ ଲକ୍ଷରୁ ଅଧିକ ବୁଥ୍ ଏଜେଣ୍ଟ, ୨୦ ଲକ୍ଷରୁ ଅଧିକ ପୁଲିଂ ଏଜେଣ୍ଟ ସାମିଲ ଥିଲେ । ଏତେ ସ୍ୱଚ୍ଛତା ଭିତରେ ଭୋଟ ଚୋରି ଭଳି ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ଶ୍ରୀ କୁମାର କହିଛନ୍ତି । ଫଳାଫଳ ଘୋଷଣାର ୪୫ ଦିନ ଭିତରେ କୌଣସି ଅଭିଯୋଗ ଥିଲେ କୋର୍ଟ ଯାଇପାରିବେ । ଏହାପରେ ଅଭିଯୋଗ କଲେ ଏହା ଗ୍ରହଣଯୋଗ୍ୟ ହେବ ନାହିଁ ବୋଲି ଶ୍ରୀ କୁମାର କହିଛନ୍ତି ।

# - V/O -

# ଶିକ୍ଷକ ପରିଷଦ ପ୍ରତିଷ୍ଠା ଦିବସ

ଆତ୍ମନିର୍ଭର ଭାରତ ପାଇଁ ନବସୃଜନକୁ ଆଗେଇ ନେବାକୁ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ୩୧ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ସରକାର ଉଦ୍ଭାବକ ଓ ଗବେଷକଙ୍କ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଜାତୀୟ ଶିକ୍ଷାନୀତି ଅନୁସାରେ ଶିକ୍ଷକଙ୍କ ଦକ୍ଷତାବୃଦ୍ଧି କରି ଛାତ୍ରଛାତ୍ରୀଙ୍କ

ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ସହ ଯୋଡିବାର ଲକ୍ଷ୍ୟ ରଖାଯାଇଛି। ନବସୃଜନ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିରନ୍ତର ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# - V/O –

## ଆରଟିପିଏସ୍ ଆଇନ୍ ବୈଠକ

ସହରାଞ୍ଚଳ ଶାସନ ଓ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସୁଦୃଢ଼ କରିବା ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଜନସେବା ଅଧିକାର-ଆରଟିପିଏସ୍ ଆଇନ୍ ଉପରେ ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ଜନସେବା ଅଧିକାର ଆଇନ କେବଳ ସେବା ପ୍ରଦାନର ଏକ ଉପକରଣ ନୁହେଁ, ଏହା ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା ବୋଲି କହିଛନ୍ତି। ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ, ଦକ୍ଷତା ଏବଂ ସ୍ୱଚ୍ଛତାକୁ ଅନ୍ତର୍ଭୁକ୍ତ କରି ଏଭଳି ସହର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ନାଗରିକମାନେ ଶାସନକୁ ଏକ ଅଧିକାର ଭାବରେ ଅନୁଭବ କରିବେ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

**ଇଗ୍ନୋ**

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆସନ୍ତାକାଲି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋର ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା ଡିପ୍ଲୋମା ପାଠ୍ୟକ୍ରମର ପୁସ୍ତିକାର ଓଡ଼ିଆ ଭାଷାରେ ଉନ୍ମୋଚନ ହେବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ପୂର୍ବରୁ ଇଗ୍ନୋର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ଇଗ୍ନୋ ଓ ଉଚ୍ଚଶିକ୍ଷା ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

## ଅପରେସନ ଗରୁଡ

ରାଜ୍ୟର ସମସ୍ତ ଜିଲ୍ଲା ପୁଲିସ୍ ଏସ୍‌ପିଙ୍କ ନେତୃତ୍ୱରେ ଚାଲିଥିବା 'ଅପରେସନ୍ ଗରୁଡ' ଅଭିଯାନରେ ଅପରାଧୀଙ୍କ ବିରୁଦ୍ଧରେ ପୁଲିସ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ୍ ଅସ୍ତ୍ରଶସ୍ତ୍ର ଜବତ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଏହି ଅଭିଯାନରେ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ପୁଲିସ୍ ସର୍ବାଧିକ ୩୮୩ ଜାମିନ୍ ବିହୀନ ପରୱାନା କାର୍ଯ୍ୟକାରୀ କରିଥିବାବେଳେ ସମ୍ବଲପୁର ଜିଲ୍ଲା ପୁଲିସ୍ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୩ଟି ମଟର ସାଇକେଲ ଜବତ କରିବା ସହ ୧୮ ଜଣଙ୍କୁ ଗିରଫ କରିଛି। କନ୍ଧମାଳ ଜିଲ୍ଲା ପୁଲିସ୍ ୫ ଟନ୍‌ରୁ ଅଧିକ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି।

## ହର ଘର ତିରଙ୍ଗା

ହର ଘର ତିରଙ୍ଗା ଅଭିଯାନର ଚତୁର୍ଥ ସଂସ୍କରଣରେ ଦେଶରେ ୭ କୋଟିରୁ ଊର୍ଦ୍ଧ୍ୱ ସେଲ୍‌ଫି ଅପ୍‌ଲୋଡ କରାଯାଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି । ପରିମଳ ଓ ପାନୀୟ ଜଳ ବିଭାଗ ଏବଂ ଜଳଶକ୍ତି ଓ ସଂସ୍କୃତି ମନ୍ତ୍ରଣାଳୟର ମିଳିତ ହରଘର ସ୍ୱଚ୍ଛତା ଅଭିଯାନରେ ଏକ କୋଟି ୮୦ ଲକ୍ଷ ସ୍ୱଚ୍ଛ ଗ୍ରାମ ସାମିଲ ହୋଇଥିଲେ । ହର ଘର ତିରଙ୍ଗା ଅଭିଯାନ ଚଳିତ ମାସ ୨ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୯ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ସାମିଲ ହୋଇଥିଲେ ।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଥିବାରୁ ଭୁବନେଶ୍ୱର ୟୁନିଟ୍-୨ଠାରେ ଶୁଣାଣିକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ପରବର୍ତ୍ତୀ ଶୁଣାଣି ସମ୍ପର୍କରେ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ।

## ବାୟୁ ସ୍ୱାସ୍ଥ୍ୟ ସେବା

ମାଲକାନଗିରିରେ ଆସନ୍ତାକାଲିଠାରୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ ହେବ । ୧୨ ଜଣ ବିଶେଷଜ୍ଞ ଡାକ୍ତରୀ ଦଳ ୪ ଦିନ ଧରି ରୋଗୀ

ସେବା ଯୋଗାଇ ଦେବେ। କଟକର ଏସ୍‌ସିବି ମେଡିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲର ୧୨ ଜଣିଆ ବିଶେଷଜ୍ଞ ଦଳ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବେ। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି।

## ଦୁର୍ଗାପୂଜା

**କଟକ**ରେ ଆସନ୍ତା ସେପ୍ଟେମ୍ବର ମାସ ୨୮ ତାରିଖରୁ ଦୁର୍ଗାପୂଜା ଆରମ୍ଭ ହେବ। ଅକ୍ଟୋବର ମାସ ୩ ତାରିଖରେ ଭସାଣୀ ଅନୁଷ୍ଠିତ ହେବ। ଏ ନେଇ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ପୂଜା ପୂର୍ବରୁ ରାସ୍ତାଘାଟ, ପରିମଳ, ଡ୍ରେନ୍, ଆଲୋକୀକରଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ପ୍ରତି ପୂଜା ମଣ୍ଡପରେ ଡଷ୍ଟବିନ୍ ରଖିବାକୁ ଆଲୋଚନା ହୋଇଛି। ପୂଜା ସମୟରେ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ନେଇ ଆଲୋଚନା କରାଯାଇଛି। ଭସାଣୀ ଶୋଭାଯାତ୍ରାକୁ ନିଶାମୁକ୍ତ ଏବଂ ଡିଜେମୁକ୍ତ ଭସାଣୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ନୂଆଖାଇ ଲଗ୍ନ

**ବରଗଡ଼** ଜିଲ୍ଲା ପାଇଁ ନୂଆଖାଇ ଲଗ୍ନ ଧାର୍ଯ୍ୟ ହୋଇଛି। ନବାନ୍ନ ଲାଗି ପାଇଁ ପଣ୍ଡିତ ମହାସଭା ଦ୍ୱାରା ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୭ ତାରିଖ

ନିଶାର୍ଦ୍ଧ ରାତିରେ ମା' ସମଲେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହେବ। ୨୮ ତାରିଖ ଦିନ ସକାଳ ୧୦ଟା ୨୩ ମିନିଟ୍‌ରୁ ୧୦ଟା ୩୭ ମିନିଟ୍ ମଧ୍ୟରେ ସାଧାରଣ ଲୋକେ ନବାନ୍ନ ଖାଇବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ନିଟ୍‌ରେ ସଫଳ ଚମ୍ପା

ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଆମ୍ଳିବେଡା ଗାଁର ଆଦିମ ଜନଜାତି ଝିଅ ଚମ୍ପା ରାସ୍‌ପେଦା ସର୍ବଭାରତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା-ନିଟ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଚମ୍ପାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ଗଣ୍ଡ କହିଛନ୍ତି, ଦୃଢ଼ ଇଚ୍ଛାଶକ୍ତି, ଦକ୍ଷତା ଓ କଠିନ ପରିଶ୍ରମ ବଳରେ ସେ ଏହି ସଫଳତା ହାସଲ କରିଛନ୍ତି। ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଝିଅ ଭାବେ ସେ ଏହି ସଫଳତା ହାସଲ କରି ଅନେକଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

## ପାଣିପାଗ

ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ପଶ୍ଚିମ କେନ୍ଦ୍ରୀୟ ତଥା ତତ୍ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଆସନ୍ତା ମଙ୍ଗଳବାର ସୁଦ୍ଧା ଅବପାତ ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବା ନେଇ ଆଂଚଳିକ

ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଲଘୁଚାପର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୫ଟି ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି।